

Bakul Books

ଓଡ଼ିଶାର ଲୋକକଥା

# ଶେଫାଳିର ଜାମୁକୋଳି

ଚିତ୍ର - ଦୀପାନି ସେଠ୍

ଓଡ଼ିଶାର ଲୋକକଥା

**ଶେଫାଳିର ଜାମୁକୋଳି**

**Shephalira Jamukoli**

ଚିତ୍ର - ଦୀପାନି ସେଠ୍

**© ବକୁଳ ଫାଉଣ୍ଡେସନ୍**

ପ୍ରଥମ ସଂସ୍କରଣ ୨୦୧୯

ପୃଷ୍ଠା- ୧୬

ମୂଲ୍ୟ- ଟ.୭୦/-

**ମୁଖ୍ୟ ସମ୍ପାଦକ**

ଦାଶ ବେନହୁର

**ସମ୍ପାଦକ**

ସ୍ୱାଗତିକା ସେଠୀ

**ପ୍ରକାଶକ**

ଯତୀନ୍ଦ୍ର କୁମାର ନାୟକ

ବକୁଳ ଫାଉଣ୍ଡେସନ୍

୧୬ ସତ୍ୟ ନଗର, ଭୁବନେଶ୍ୱର- ୭୫୧୦୦୭

ଦୂରଭାଷ- ୦୬୭୪-୨୫୭୧୨୮୬

contactbakul@gmail.com

www.bakul.org

**ଅକ୍ଷର ସଜ୍ଜା**

ସୁତ୍ର

**ମୁଦ୍ରକ**

ଏବି ଇମେଜିଙ୍ଗ୍ ଏଣ୍ଡ୍ ପ୍ରିଣ୍ଟସ୍ ପ୍ରା.ଲିଃ.

୬୨-୬୩, ଗଙ୍ଗ ନଗର, ୟୁନିଟ୍- ୬

ଭୁବନେଶ୍ୱର- ୭୫୧୦୦୩


ଓଡ଼ିଶାର ଲୋକକଥା

# ଶେଫାଳିର ଜାମୁକୋଳି


ଚିତ୍ର- ଦୀପାନି ସେଠ୍



ଜଙ୍ଗଲପାଖ ଗୋଟିଏ ଗାଁରେ ଶେଫାଳି ବୋଲି ଝିଅଟିଏ ରହୁଥିଲା । ତା' ବାଡ଼ିରେ ଗୋଟେ ବଡ଼ ଜାମୁକୋଳି ଗଛ ଥିଲା । ହେଲେ ସେ ଗୋଟେ ହେଲେ ଜାମୁକୋଳି ଖାଇ ପାରୁ ନଥିଲା ।



କାରଣ ସବୁଦିନ ରାତିରେ ପାଖ ଜଙ୍ଗଲରୁ କୋକିଶିଆଳିମାନେ ଆସି ସବୁ ପାଚିଲା କୋଳି ଖାଇ ଦେଉଥିଲେ ।



କୋକିଶିଆଳିମାନେ ତାଙ୍କ ଗୋଡ଼ରେ ଗଛ ଗଣ୍ଡିକୁ ଜାବୁଡ଼ି ଧରୁଥିଲେ ଓ ଜୋର୍ ଜୋର୍ ଗଛକୁ ହଲାଇ କୋଳିସବୁ ଝଡ଼ାଇ ଦେଉଥିଲେ ।

ଆଉ ସକାଳେ ଯେତେବେଳେ ଶେଫାଳି ଗଛ ହଲାଉ
ଥିଲା ଗୋଟେ ହେଲେ କୋଳି ପାଉନଥିଲା ।






ଥରେ ଶେଫାଳି ଏକ ଉପାୟ ପାଞ୍ଚିଲା ।
ସେ ସବୁଠାରୁ ରାଗୁଆ ଲଙ୍କା ବାଟି
ଜାମୁକୋଳି ଗଛ ଗଣ୍ଡିରେ ବୋଳିଦେଲା ।

ସବୁଦିନ ପରି ସେଦିନ ରାତିରେ କୋକିଶିଆଳିମାନେ ଆସିଲେ ଓ ଗଛକୁ ଜାବୁଡ଼ି ଧରି ହଲାଇବାକୁ ଲାଗିଲେ । ସେମାନଙ୍କ ଦେହରେ ଲଙ୍କାବଟା ଲାଗିଗଲା ଓ ଦେହ ଖୁବ୍ ଜୋର୍‌ରେ ପୋଡ଼ିଲା ।





ପୋଡ଼ା ଜଳା ସହି ନପାରି ସେମାନେ ପାଖରେ ଥିବା ପାଣି ଭିତରକୁ ଡେଇଁ ପଡ଼ିଲେ ।
ହେଲେ ମଧ୍ୟ ତାଙ୍କ କଷ୍ଟ କମିଲା ନାହିଁ । ସେମାନେ ବିକଳରେ ବୋବାଇଲେ ।

କୋକିଶିଆଳିମାନଙ୍କ ରଡ଼ି ଶୁଣି ଶେଫାଳି ବାଡ଼ି କବାଟ
ଖୋଲି ବାହାରି ଆସିଲା ଓ ସେମାନଙ୍କୁ ଡାକିଲା,

"ଆସ ଆସ କୋକିଶିଆଳି
ପାଚିଛି ଦେଖ ଜାମୁକୋଳି ।"



ବିକଳରେ ବଣକୁ ଧାଉଁଥିବା କୋକିଶିଆଳିମାନେ କହିଲେ,

"ନା ଲୋ ଶେଫାଳି ରାଣୀ
ଦେହ ଆମ ପୋଡ଼ିଲାଣି ।"





ସେଇ ଦିନଠାରୁ କୋକିଶିଆଳିମାନେ ଆଉ ଶେଫାଳିର ଜାମୁକୋଳି ଗଛ ପାଖ ମାଡ଼ିଲେ ନାହିଁ ।

# ବକୁଳ ବୁକ୍ସ ବିଷୟରେ କିଛି

ବିଗତ ୨୦୦୭ ମସିହାରୁ ପାଠାଗାର ଆନ୍ଦୋଳନ ମାଧ୍ୟମରେ ପିଲାମାନଙ୍କ ମଧ୍ୟରେ ବହି ପଢ଼ିବାର ଆଗ୍ରହ ସୃଷ୍ଟି କରିଆସୁଛି ବକୁଳ ଫାଉଣ୍ଡେସନ୍ । ପିଲାଙ୍କୁ ବହିମୁହାଁ କରିବାରେ ବକୁଳ ଫାଉଣ୍ଡେସନ୍‌ର ଅନ୍ୟତମ ପ୍ରଚେଷ୍ଟା ହେଉଛି ବକୁଳ ବୁକ୍ସ । କମ ମୂଲ୍ୟରେ ବିଶ୍ୱସ୍ତରୀୟ ଛବିବହି ପ୍ରକାଶ କରି ପିଲାମାନଙ୍କର ପଢ଼ିବାର ଆଗ୍ରହକୁ ଆଗେଇନବାର ପ୍ରୟାସ କରୁଛି ବକୁଳ ବୁକ୍ସ ।



ଶେଫାଳିର ଜାମୁକୋଳି ଗଛ ଥାଇବି ସେ
ଗୋଟେ ହେଲେ କୋଳି ଖାଇ ପାରୁ ନଥିଲା ।
ଶେଷରେ ସେ ଜାମୁକୋଳି ଖାଇବା ପାଇଁ କି
ଉପାୟ କଲା ଚାଲ ବହିଟି ପଢି ଜାଣିବା ।

Rs: 70/-

Bakul Books

books.bakul.org